# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 04 October – 2025

*************************************

## ମୁଖ୍ୟ ସମ୍ବାଦ

- ଦକ୍ଷତା ଓ ନବସୃଜନକୁ ପ୍ରୋତ୍ସାହନ ଦେଇ ସରକାର ଭବିଷ୍ୟତର ନେତୃତ୍ୱ ନେବା ପାଇଁ ଯୁବଶକ୍ତିକୁ ପ୍ରସ୍ତୁତ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ନୂଆଦିଲ୍ଲୀରେ ଯୁବପିଢ଼ିଙ୍କ ବିକାଶ ପାଇଁ ୬୨ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର କଲେ ଶୁଭାରମ୍ଭ

- ନୂଆଦିଲ୍ଲୀରେ ଉପରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

- ଭୁବନେଶ୍ୱରରେ ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ବିପର୍ଯ୍ୟୟ ଭବନ

ଏବଂ

- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ଦେଶରେ ସାଢ଼େ ୬ କୋଟି ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା

Desk

## ପିଏମ୍- ୟୁଥ୍ ସ୍କିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ୬୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଯୁବପିଢ଼ିଙ୍କ ବିକାଶ ପାଇଁ ଆଜି ବିଜ୍ଞାନ ଭବନଠାରେ ଆୟୋଜିତ କୌଶଳ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଶ୍ରୀ ମୋଦୀ' ପ୍ରଧାନମନ୍ତ୍ରୀ ସେତୁ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ରାଷ୍ଟ୍ର ନିର୍ମାଣରେ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଦକ୍ଷତା ବିକାଶ ଏବଂ ନବସୃଜନକୁ ପ୍ରୋତ୍ସାହନ ଦେଇ ସରକାର ଭବିଷ୍ୟତର ନେତୃତ୍ୱ ନେବା ପାଇଁ ଯୁବଶକ୍ତିକୁ ପ୍ରସ୍ତୁତ କରୁଛନ୍ତି। ଭାରତ ଦକ୍ଷତା ଏବଂ ଜ୍ଞାନର ଦେଶ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ପିଏମ୍-ସେତୁ ଯୋଜନାରେ ଦେଶର ଏକ ହଜାରରୁ ଊର୍ଦ୍ଧ୍ୱ ଆଇ.ଟି.ଆଇ.ର ରୂପାନ୍ତରଣ କରାଯିବ। ଏଥିସହ ପ୍ରଧାନମନ୍ତ୍ରୀ ଆଜି ଦେଶର ୩୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ୪୦୦ଟି ନବୋଦୟ ବିଦ୍ୟାଳୟ ଏବଂ ୨୦୦ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ୧ ହଜାର ୨୦୦ଟି ଧନ୍ଦାମୂଳକ ଦକ୍ଷତା ଲ୍ୟାବର ଶୁଭାରମ୍ଭ କରିଛନ୍ତି।

Desk

## ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଦିଲ୍ଲୀରେ ଶ୍ରୀ ମାଝୀ ଆଜି ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ’ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ରାଧାକ୍ରିଷ୍ଣନଙ୍କୁ ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପ୍ରଦାନ କରିବା ସହ ରାଜ୍ୟର ଦୀର୍ଘ ମିଆଦି ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିବା ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ’ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ସମୟରେ ବିଭିନ୍ନ ବିଷୟ, ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ସମୟରେ ଅନ୍ୟ କେନ୍ଦ୍ର ମନ୍ତ୍ରୀମାନଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟସୂଚୀ ରହିଛି ।

Desk

## ସୁସ୍ଥ ନାରୀ, ସଶକ୍ତ ପରିବାର

ଦେଶରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ୬ କୋଟି ୫୦ ଲକ୍ଷ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ସୁସ୍ଥ ନାରୀ

ସଶକ୍ତ ପରିବାର ଅଭିଯାନ ଗତକାଲି ଶେଷ ହୋଇଛି। ଗତ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ଅଭିଯାନରେ ଦେଶବ୍ୟାପୀ ୧୮ ଲକ୍ଷ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏହି ଅସାଧାରଣ ସଫଳତା ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଏବଂ ସାମୂହିକ ଉଦ୍ୟମର ପ୍ରତିଫଳନ ବୋଲି ଶ୍ରୀ ନଡ୍ଡା ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

BBSR/R

# ବିପର୍ଯ୍ୟୟ ଭବନ ନିର୍ମାଣ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ବିପର୍ଯ୍ୟୟ ଭବନ ନିର୍ମାଣ କରିବେ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ୨୦୦ କୋଟି ଟଙ୍କା ବ୍ୟୟରେ ଏହି ବିପର୍ଯ୍ୟୟ ଭବନ ନିର୍ମାଣ କରାଯିବ। ଭୁବନେଶ୍ୱର ଲୋକସେବା ଭବନ ନିକଟରେ ପ୍ରତିଷ୍ଠା ହେବାକୁ ଥିବା ଏହି ଭବନରେ ଏସ୍.ଆର୍.ସି., ଅଗ୍ନିଶମ ଏବଂ ପାଣିପାଗ ବିଭାଗ ଏକାଠି କାମ କରିବେ। କେନ୍ଦ୍ର ସରକାରଙ୍କ ସହଯୋଗରେ ବିପର୍ଯ୍ୟୟର ମୁକାବିଲା ପାଇଁ ଅତ୍ୟାଧୁନିକ କୌଶଳର ବ୍ୟବହାର କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

Desk

# ମୁଖ୍ୟମନ୍ତ୍ରୀ–ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ୬ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ  ଜନସାଧାରଣଙ୍କୁ ଜଣାଇ ଦିଆଯିବ।

Desk

## ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଜିଏସ୍‌ଟି ସଂସ୍କାରକୁ ନେଇ ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା ସମାଜର ସବୁବର୍ଗର ଲୋକେ ଉପକୃତ ହେଉଛନ୍ତି। ଏହିକ୍ରମରେ ଆଜି ଜାଣିବା ବାଣିଜ୍ୟିକ ମାଲ୍‌ଗାଡ଼ି, ଯାତାୟାତ କିଭଳି ସହଜ ଓ ସୁଗମ ହୋଇଛି।

ପରିବହନ କ୍ଷେତ୍ରରେ ଜିଏସ୍‌ଟି ସଂସ୍କାର ଆଶ୍ୱସ୍ତି ଆଣିଦେଇଛି। ଟ୍ରକ ଏବଂ ଭ୍ୟାନ୍ ଭଳି ବାଣିଜ୍ୟିକ ମାଲ୍ ଗାଡ଼ି ପରିବହନ ଉପରେ ମଧ୍ୟ ଜିଏସ୍‌ଟି କର ହ୍ରାସ କରାଯାଇଛି। ପୂର୍ବରୁ ଏଥିପାଇଁ ୨୮ ପ୍ରତିଶତ କର ଦେବାକୁ  ପଡୁଥିବା ବେଳେ ବର୍ତ୍ତମାନ ଏହା ହ୍ରାସ ପାଇ ୧୮ ପ୍ରତିଶତ ହୋଇଛି। ଏହି ନିଷ୍ପତ୍ତି ଦ୍ୱାରା ଦେଶବ୍ୟାପୀ ମାଲଗାଡ଼ି ଚଳାଚଳ ଆହୁରି ସୁବିଧା ଜନକ ହୋଇଛି।

CTC

## ଦୁର୍ଗାପୂଜା ଭସାଣୀ

କଟକରେ ଆଜି ଦ୍ୱିତୀୟ ଦିନରେ ମା’ ଦୁର୍ଗାଙ୍କ ଭସାଣ ଉତ୍ସବରେ ପ୍ରତିମାଗୁଡ଼ିକର ବିସର୍ଜନ କରାଯାଉଛି। ଆଜି ଅପରାହ୍ନ ଦୁଇଟା ସୁଦ୍ଧା ୧୦୫ଟି ମୃଣ୍ମୟୀ ପ୍ରତିମା ବିସର୍ଜନ ସମ୍ପନ୍ନ ହୋଇଛି। ୧୦ରୁ ୧୫ଟି ମୃଣ୍ମୟୀ ପ୍ରତିମାକୁ ରାତିରେ ବିସର୍ଜନ କରାଯିବ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଭସାଣି ପାଇଁ ୧୨୨ରୁ ଅଧିକ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି।

Kandhamal

## ସଡ଼କ ଦୁର୍ଘଟଣା

କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡ଼ି ଥାନା ଡୁଲୁରୀ ପାଇନ ବଣ ନିକଟରେ ସଡ଼କ ଦୁର୍ଘଟଣାରେ ତିନିଜଣଙ୍କର ମୃତ୍ୟୁ ଘଟିଛି। ବାଲିଗୁଡ଼ା ଥାନା ରତୁଙ୍ଗିଆ ପଞ୍ଚାୟତ ହୁଟିଗୁଡ଼ା ଗ୍ରାମର ତିନିଜଣ ଯୁବକ ଗୋଟିଏ ବାଇକ୍‌ରେ ଦାରିଙ୍ଗିବାଡ଼ିରୁ ହାତୀମୁଣ୍ଡା ଯିବା ସମୟରେ ଭାରସାମ୍ୟ ହରାଇବା ଯୋଗୁଁ ଦୁର୍ଘଟଣା ଘଟିଥିଲା।

HS

## ରାଜସ୍ୱ ମନ୍ତ୍ରୀ- ଭୂସ୍ଖଳନ

ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଭୂସ୍ଖଳନ ଯୋଗୁଁ ପଥର ଖସି ଜୀବନହାନୀକୁ ରୋକିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ବର୍ଷା ଯୋଗୁଁ ଧୋଇ

ହୋଇଯାଉଥିବା ତଳିଆ ରାସ୍ତାଗୁଡ଼ିକୁ ଚିହ୍ନଟ କରି ଉଚ୍ଚା କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

Nuapada

## ଯାତାୟାତ ବାଧାପ୍ରାପ୍ତ

ଲଘୁଚାପ ଜନିତ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବନ୍ୟା ଯୋଗୁଁ ଛତାରୁ ମଖାଭଟା ଓ ମାଲିକମୁଣ୍ଡାରୁ କୁଞ୍ଜିଲପଡ଼ା ପର୍ଯ୍ୟନ୍ତ ସଡ଼କ କ୍ଷତିଗ୍ରସ୍ତ ହୋଇଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଗତକାଲି କୋମନା ଅଞ୍ଚଳରେ ୧୭୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

Desk

## ବନ୍ୟପ୍ରାଣୀ ସପ୍ତାହ

ବନ୍ୟପ୍ରାଣୀଙ୍କ ପ୍ରତି କ୍ରୂରତା ରୋକିବା ତଥା ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି, ଏକ ସନ୍ତୁଳିତ ପରିବେଶ ଏବଂ ଜୈବ ବିବିଧତା ବଜାୟ ରଖିବାପାଇଁ ପ୍ରାଣୀମାନେ ବିଶେଷ ଭୂମିକା ଗ୍ରହଣ କରିଥା'ନ୍ତି । ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳ ହେବାପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି, ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି।

ରାଜ୍ୟର ଘଞ୍ଚ ଜଙ୍ଗଲ, ବାଘ, ହାତୀ, ଭାଲୁ ଭଳି ବନ୍ୟପ୍ରାଣୀଙ୍କ ନିରାପଦ ଆଶ୍ରୟସ୍ଥଳୀ ସାଜିଛି। ଚିଲିକା ଓ ଭିତରକନିକା ଆର୍ଦ୍ରଭୂମି  ବିଭିନ୍ନ ପ୍ରଜାତିର ପ୍ରବାସୀ ପକ୍ଷୀଙ୍କ ସହ ବିରଳ ଇରାୱାଡ଼ି ଡଲଫିନ୍ ଓ ବଉଳା କୁମ୍ଭୀରଙ୍କ ବାସଭୂମି। ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଦୃଷ୍ଟିରୁ ଶିକାରୀମାନଙ୍କ ପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ସହ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି।

ରାଜ୍ୟରେ ଗତ ୨ ତାରିଖରୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି ।

***Met. O.***

## ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ସତର୍କ ସୂଚନା ଜାରି କରାଯାଇଛି ।

***Desk***

## ଟ୍ରେନ୍ ଚଳାଚଳ

ବ୍ରହ୍ମପୁରରୁ ସୁରତ୍‌ର ଉଧନାକୁ ଆସନ୍ତା ୬ ତାରିଖରୁ ନିୟମିତ ଭାବେ ଟ୍ରେନ୍ ଚଳାଚଳ ଆରମ୍ଭ ହେବ । ଏହି ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ବ୍ରହ୍ମପୁରରୁ ପ୍ରତି ସୋମବାର ରାତି ୧୧ଟା ୪୫ ମିନିଟ୍‌ରେ ଚଳାଚଳ ଆରମ୍ଭ କରିବ ଏବଂ ବୁଧବାର ଦିନ ସକାଳ ୮ଟା ୪୫ ମିନିଟ୍‌ରେ ଉଧନାରେ ପହଞ୍ଚିବ । ପ୍ରତି ରବିବାର ସକାଳ ୭ଟା ୧୦ ମିନିଟ୍‌ରେ ଉଧନା ଛାଡ଼ିବା ସହ ପ୍ରତି ସୋମବାର ଅପରାହ୍ଣ ଗୋଟାଏ ୫୫ ମିନିଟ୍‌ରେ ବ୍ରହ୍ମପୁରରେ ପହଞ୍ଚିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।